# ପରମେଶ୍ୱର କିଏ?

*ସତ୍ୟ ପରମେଶ୍ୱର କିଏ ଏବଂ ତାଙ୍କ ନାମ କ'ଣ? (୧,୨)*

*ତାଙ୍କ ଶରୀର କେଉଁ ପ୍ରକାର ଅଟେ? (୩)*

*ତାଙ୍କର ସୁବିଦିତ ଗୁଣଗୁଡିକ କ'ଣ? (୪)*

*ତାଙ୍କ ଉପାସନା ପାଇଁ କ'ଣ ଆମେ ପ୍ରତିମା ଓ ପ୍ରତୀକ ବ୍ୟବହାର କରିବା ଉଚିତ? (୫)*

*କେଉଁ ଦୁଇ ଉପାୟରେ ଆମେ ପରମେଶ୍ୱରଙ୍କ ବିଷୟରେ ଶିକ୍ଷାଲାଭ କରି ପାରିବୁ? (୬)*



୧. ଲୋକେ ଅନେକ ବସ୍ତୁଗୁଡିକର ଉପାସନା କରିଥାନ୍ତି। କିନ୍ତୁ ବାଇବଲ ଆମକୁ କହେ, ଯେ କେବଳ ଜଣେ ସତ୍ୟ ପରମେଶ୍ୱର ଅଛନ୍ତି। ସେ ସ୍ୱର୍ଗ ଓ ପୃଥିବୀର ସବୁକିଛି ସୃଷ୍ଟି କରିଅଛନ୍ତି। କେବଳ ତାଙ୍କୁ ହିଁ ଆମ୍ଭେମାନେ ଉପାସନା କରିବା ଉଚିତ, କାରଣ ସେ ଆମ୍ଭମାନଙ୍କୁ ଜୀବନ ଦେଇଛନ୍ତି।—୧ କରିନ୍ଥୀୟ ୮:୫, ୬; ପ୍ରକାଶିତ ବାକ୍ୟ ୪:୧୧.

୨. ପରମେଶ୍ୱରଙ୍କ ଅନେକ ଉପାଧି ରହିଛି କିନ୍ତୁ, କେବଳ ଗୋଟିଏ ମାତ୍ର ନାମ ଅଛି। ସେହି ନାମଟି ହେଉଛି ଯିହୋବା। ଅଧିକାଂଶ ବାଇବଲରେ, ପରମେଶ୍ୱରଙ୍କ ନାମକୁ ଅପସାରିତ କରି ସେ ସ୍ଥାନରେ ପ୍ରଭୁ କିମ୍ବା ପରମେଶ୍ୱର ଆଖ୍ୟାରେ ତାହାକୁ ପରିବର୍ତ୍ତନ କରାଯାଇଛି। କିନ୍ତୁ ଯେତେବେଳେ ବାଇବଲ ରଚିତ ହୋଇଥିଲା, ସେଥିରେ ଯିହୋବାଙ୍କ ନାମ ପ୍ରାୟ ୭,୦୦୦ ଥର ଉଲ୍ଲେଖ ଥିଲା!—ଯାତ୍ରା ୩:୧୫; ଗୀତସଂହିତା ୮୩:୧୮.

୩. ଯିହୋବାଙ୍କ ଏକ ଶରୀର ଅଛି, କିନ୍ତୁ ତାହା ଆମ୍ଭମାନଙ୍କ ଶରୀର ସଦୃଶ ନୁହେଁ। ବାଇବଲ କହେ, "ପରମେଶ୍ୱର ଆତ୍ମା ଅଟନ୍ତି।" (ଯୋହନ ୪:୨୪) ଆତ୍ମା ଏକ ଏମିତି ଜୀବନ-ସ୍ୱରୂପ ଯାହା କି ଆମ୍ଭମାନଙ୍କ ଜୀବନ-ସ୍ୱରୂପଠାରୁ

ଉଚ୍ଚତର ପର୍ଯ୍ୟାୟର ଅଟେ। କେହି କେବେ ପରମେଶ୍ୱରଙ୍କୁ ଦେଖି ନାହାନ୍ତି। ଯିହୋବା ସ୍ୱର୍ଗରେ ରହନ୍ତି, କିନ୍ତୁ ସେ ସବୁକିଛି ଦେଖି ପାରନ୍ତି। (ଗୀତସଂହିତା ୧୧:୪, ୫; ଯୋହନ ୧:୧୮) ତାହେଲେ, ପବିତ୍ର ଆତ୍ମା କʼଣ? ତାହା ଈଶ୍ୱରଙ୍କ ସଦୃଶ ଏକ ବ୍ୟକ୍ତି ନୁହେଁ ବରଂ ଏହା ପରମେଶ୍ୱରଙ୍କ ସକ୍ରିୟ ଶକ୍ତି ଅଟେ।—ଗୀତସଂହିତା ୧୦୪:୩୦.

୪ ବାଇବଲ ଆମ୍ଭମାନଙ୍କ ପାଖରେ ଯିହୋବାଙ୍କ ବ୍ୟକ୍ତିତ୍ୱ ପ୍ରକଟ କରେ। ଏହା ଦର୍ଶାଏ ଯେ ତାଙ୍କର ସୁବିଦିତ ଗୁଣଗୁଡ଼ିକ ହେଉଛି ପ୍ରେମ, ନ୍ୟାୟ, ପ୍ରଜ୍ଞା ଓ ଶକ୍ତି। (ଦ୍ୱିତୀୟ ବିବରଣ ୩୨:୪; ଆୟୁବ ୧୨:୧୩; ଯିଶାଇୟ ୪୦:୨୬; ୧ ଯୋହନ ୪:୮) ବାଇବଲ ଆମ୍ଭମାନଙ୍କୁ କହେ ଯେ ସେ କରୁଣାମୟ, ଦୟାଳୁ, କ୍ଷମାଶୀଳ, ମହାନୁଭବ, ଓ ଧୈର୍ଯ୍ୟବାନ୍ ମଧ୍ୟ ଅଟନ୍ତି। ଆଜ୍ଞାଧୀନ ସନ୍ତାନମାନଙ୍କ ପରି ଆମେ ତାଙ୍କୁ ଅନୁକରଣ କରିବା ପାଇଁ ଚେଷ୍ଟା କରିବା ଉଚିତ।—ଏଫିସୀୟ ୫:୧, ୨.

୫. ଉପାସନା ବେଳେ ମୂର୍ତ୍ତି, ଛବି, କିମ୍ବା ପ୍ରତୀକ ସମ୍ମୁଖରେ ଆମେ ମୁଣ୍ଡ ନୁଆଇବା କିମ୍ବା ପ୍ରାର୍ଥନା କରିବା ଉଚିତ କି? ନା! (ଯାତ୍ରା ୨୦:୪, ୫) ଯିହୋବା କହନ୍ତି, ଆମେ କେବଳ ତାଙ୍କରି ଉପାସନା କରିବା ଉଚିତ। ସେ ନିଜ ମହିମା ଅନ୍ୟ କାହାରି ବା କିଛି ସହିତ ଭାଗ କରିବେ ନାହିଁ। ମୂର୍ତ୍ତିଗୁଡ଼ିକର ଆମ୍ଭମାନଙ୍କୁ ସାହାଯ୍ୟ କରିବା ପାଇଁ ଶକ୍ତି ନାହିଁ। —ଗୀତସଂହିତା ୧୧୫:୪-୮; ଯିଶାଇୟ ୪୨:୮.

୬ ଆମ୍ଭେ ପରମେଶ୍ୱରଙ୍କୁ କିପରି ଆହୁରି ଉତ୍ତମ ଭାବେ ଜାଣି ପାରିବା? ଏହାର ଗୋଟିଏ ଉପାୟ ହେଲା ସେ ଯାହା ସୃଷ୍ଟି କରିଛନ୍ତି ସେସବୁକୁ ଲକ୍ଷ୍ୟ କରିବା ଦ୍ୱାରା ଓ ସେସବୁ ଆମକୁ ଯାହା ସୂଚିତ କରେ ସେ ବିଷୟରେ ଗଭୀରଭାବେ ଚିନ୍ତା କରିବା। ପରମେଶ୍ୱରଙ୍କ ସୃଷ୍ଟି ସକଳ ତାଙ୍କର ଅସୀମ ପ୍ରଜ୍ଞା ଓ ଶକ୍ତିର ପରିଚୟ ଦିଏ। ସେ ଯାହା କିଛି ସୃଷ୍ଟି କରିଅଛନ୍ତି ସେଥିରେ ଆମ୍ଭେ ତାଙ୍କର ପ୍ରେମ ଦେଖିବାକୁ ପାଉଁ (ଗୀତସଂହିତା ୧୯:୧-୬; ରୋମୀୟ ୧:୨୦) ପରମେଶ୍ୱଙ୍କ ସମ୍ପର୍କରେ ଜାଣିବାର ଆଉ ଗୋଟିଏ ଉପାୟ ହେଉଛି ବାଇବଲ ଅଧ୍ୟୟନ। ସେଥିରେ ସେ କେଉଁ ସ୍ୱଭାବର ପରମେଶ୍ୱର ଅଟନ୍ତି ସେ ସମ୍ବନ୍ଧରେ ଆମ୍ଭମାନଙ୍କୁ ସମଧିକ କହିଛନ୍ତି। ନିଜର ଉଦ୍ଦେଶ୍ୟ ଓ ଆମର କର୍ତ୍ତବ୍ୟ ସଂମ୍ପର୍କରେ ଯାହା ଚାହାଁନ୍ତି, ତାହା ମଧ୍ୟ ସେ ବୁଝାଇଛନ୍ତି।—ଆମୋଷ ୩:୭; ୨ ତୀମଥି ୩:୧୬, ୧୭.

*ସୃଷ୍ଟି ଓ ବାଇବଲରୁ ପରମେଶ୍ୱରଙ୍କ ସମ୍ବନ୍ଧରେ ଆମେ ଶିକ୍ଷାଲାଭ କରୁ।*

